**ପୋଖରୀରେ ବୁଡ଼ି ନାବାଳକ ମୃତ**

ଆଳି,(ଡି.ଏନ୍.ଏ.): ଶନିବାର ପୂର୍ବାହ୍ନ ୧୦ଟାରେ ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତ ପାଇକସାହି ଗ୍ରାମର ତ୍ରିଲୋଚନ ସ୍ୱାଇଁଙ୍କ ପୁଅ ଆଶୀର୍ବାଦ (୧୭)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଶୌଚ ହେବାକୁ ଗ୍ରାମର ଏକ ପୋଖରୀକୁ ଯାଇଥିଲେ। ସେ ଘରକୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଶେଷରେ ଆଶୀର୍ବାଦ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖି ତାଙ୍କୁ ତୁରନ୍ତ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଆଳି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ପିଇଓଙ୍କୁ ହତ୍ୟା ଧମକ ଘଟଣାର ତଦନ୍ତ ଆରମ୍ଭ

**କଳିଙ୍ଗନଗର,୧୭।୭(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅଧୀନ ଚାନ୍ଦିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରଜନୀକାନ୍ତ ସେଠୀଙ୍କୁ ପଞ୍ଚାୟତର ଠିକାଦାର ମାଧବାନନ୍ଦ ବେହେରା ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଶନିବାର ଯାଜପୁର ଡିଏସ୍‌ପି ପିକେ ମିଶ୍ର କଳିଙ୍ଗନଗର ଥାନାରେ ପହଞ୍ଚି ଘଟଣାସମ୍ପର୍କରେ ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ଘଟଣାସ୍ଥଳକୁ ଯାଇଥିଲେ। କେଉଁ ସମୟରେ ଘଟଣା ଘଟିଥିଲା ତାହା ଉପରେ ପିଇଓ ସେଠୀଙ୍କୁ ପଚାରି ବୁଝିଥିଲେ। ସମ୍ପୃକ୍ତ ଠିକାଦାର ଗାଳିଗୁଲଜ ଦେବା ବେଳର ଭଏସ୍ ରେକର୍ଡିଂକୁ ସେଠୀ ଡିଏସ୍‌ପିଙ୍କୁ ଶୁଣାଇଥିଲେ। ପରେ ଡିଏସ୍‌ପି ମିଶ୍ର ଗୋଲାଗାଁ ଯାଇ କେତେଜଣ ଲୋକଙ୍କଠାରୁ ସାକ୍ଷ୍ୟ ନେବା ସହ ଠିକାଦାର ବେହେରାଙ୍କ ଘରେ ପହଞ୍ଚିଥିଲେ। ପୋଲିସ ଭୟରେ ଠିକାଦାର ବାହାରେ ବୁଲୁଥିବା ପରିବାର ଲୋକେ କହିଥିଲେ। ସେଠାରୁ ଡିଏସପି ଫେରି ଘଟଣାରେ ସତ୍ୟତା ରହିଛି। ତେଣୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ପିଇଓ ସେଠୀ ୬ ତାରିଖ ପୂର୍ବାହ୍ନ ୧୦ଟାରେ ବାଲ୍ୟ ବିବାହ କମିଟି ଗଠନ ପାଇଁ ଚାନ୍ଦିଆ ପଞ୍ଚାୟତକୁ ଯାଉଥିଲେ। ଗୋଲାଗାଁ ଛକ ନିକଟରେ ମାଧବାନନ୍ଦ ତାଙ୍କୁ ଅଟକାଇଥିଲେ। ଦୁଇ ବର୍ଷ ହେଲା ଟିବ୍‌ଓ୍ୱେଲ୍ ବିଲ କାହିଁକି କରୁନାହଁ ବୋଲି କହି ଅଶ୍ଲୀଳ ଭାଷାରେ ପିଇଓ ସେଠୀଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ମୋ ବିଲ ପାସ ନ କଲେ ମାରିଦେବି ବୋଲି ଧମକ ଦେଇଥିଲେ। ଏନେଇ କଳିଙ୍ଗନଗର ଥାନାରେ ଦାନଗଦୀ ବିଡିଓ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଏସ୍‌ସିଏସ୍‌ଟି ମାମଲା ରୁଜୁ କରାଯାଇଥିଲା। ଏଣୁ ଏହାର ତଦନ୍ତ ଭାର ଡିଏସ୍‌ପି ପିକେ ମିଶ୍ରଙ୍କୁ ଦିଆଯାଇଛି।

### ଖବର ପ୍ରକାଶ ପରେ ଚେତା ପଶିଲା

**ବରୀ,୧୭।୭(ଡି.ଏନ.ଏ.):** ବରୀ ତହସିଲ ଅଧୀନ ବିଭିନ୍ନ ବାଲିଘାଟରେ ପ୍ରତିଦିନ ବେଆଇନ ଭାବେ ଶହଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତହସିଲ ପ୍ରଶାସନର ଚେତା ପଶିଛି। ଶୁକ୍ରବାର ରାତିରେ ତହସିଲଦାର ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଭାନୁମତୀ ମାଝି ବରୀ ରାମଚନ୍ଦ୍ରପୁର ଥାନା ପୋଲିସ ସହାୟତାରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଚଢ଼ାଉ କରିଛନ୍ତି। ଚଢାଉ ବେଳେ ବେଆଇନ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟର ନଂ.(ଓଡି-୩୪-ଏମ୍-୩୭୮୭)କୁ ଜବତ କରି ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତେବେ ଚୋରା ବ୍ୟବସାୟୀଙ୍କ ଉପରେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ଚଢ଼ାଉ ପୂର୍ବରୁ ତହସିଲର କେତେଜଣ କର୍ମଚାରୀ ଚୋରା ବ୍ୟବସାୟୀଙ୍କୁ ସତର୍କ କରାଇ ଦେଉଛନ୍ତି। ଯେଉଁଥି ପାଇଁ ଅନେକ ଚୋରା ବ୍ୟବସାୟୀ ଖସି ଯାଉଛନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ, ତହସିଲ ଅଧୀନ କେଁକରଡ଼ା, ଗମ୍ଭୁଁ, ଏରଡ଼ା, କାଇପଡ଼ା, ଗୋଳକୁଣ୍ଡ ଓ ଅମଠପୁର ଆଦି ଅଞ୍ଚଳରୁ ବାଲି ମାଫିଆ ତହସିଲ ଅଫିସର କେତେଜଣ କର୍ମଚାରୀଙ୍କ ସହ ଭିତିରି ବୁଝାମଣା ରଖି ବେଆଇନ ଭାବେ ବାଲି ଉଠାଣ କରି ଆସୁଛନ୍ତି। ଫଳରେ ପ୍ରତିଦିନ ସରକାର ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି।

# ସହରବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଭୟ

**କେନ୍ଦ୍ରାପଡ଼ା ଅଫିସ, ୧୭।୭**



ସହର ମଧ୍ୟସ୍ଥଳରେ ଥିବା ଆବର୍ଜନାରେ ପୂର୍ଣ୍ଣ କେନ୍ଦ୍ରାପଡ଼ା କେନାଲ।

**ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ**
- ୱାର୍ଡ କଲ୍ୟାଣ କମିଟି କାର୍ଯ୍ୟକାରିତାକୁ ନେଇ ସନ୍ଦେହ
- ସ୍ୱତନ୍ତ୍ର ଚିକିତ୍ସାଳୟ ପାଇଁ ହୋଇନାହିଁ ଚିଠି

୨୦୧୪ ଫେବୃୟାରୀ ୨୩ରୁ ରାଜ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆରମ୍ଭ ହେଲାଣି। ହେଲେ କେନ୍ଦ୍ରାପଡ଼ା ସହରରେ ଏହି ମିଶନ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଠାରେ ୨୪ ମହିଳା ଆରୋଗ୍ୟ ସମିତି ଗଠନ ହେବାକୁ ଥିବା ବେଳେ ମାତ୍ର ୧୮ଟି ପଞ୍ଜୀକୃତ ହୋଇଛି। ୫୨ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାରେ ଗଠିତ ୨୧ ୱାର୍ଡରେ ଏଯାଏ ୱାର୍ଡ କଲ୍ୟାଣ ସମିତି ଗଠନ ହୋଇନାହିଁ। ସହରରେ ୮ଟି ଆଶା ପଦବୀ ଖାଲିପଡ଼ିଛି। ଏପରି କି ସହରରେ ଅପପୁଷ୍ଟିଜନିତ ଲୋକସଂଖ୍ୟା କେତେ ସେ ନେଇ ସର୍ଭେ ଅଦ୍ୟାବଧି ସରିନାହିଁ। ସେହିପରି ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବାରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭୟରେ କାଳାତିପାତ କରୁଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଆଇନଜୀବୀ ସରୋଜରାଜ ସିଂହ କୁହନ୍ତି, ୨୦୧୪ ଜାନୁୟାରୀ ୨୦ରେ କେନ୍ଦ୍ର ସରକାର ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆରମ୍ଭ କରିଛନ୍ତି। ମିଶନର ଲକ୍ଷ୍ୟ ଅନୁଯାୟୀ ୫୦ ହଜାରରୁ ଊର୍ଦ୍ଧ୍ୱ ସହରବାସୀଙ୍କ ପାଇଁ ଏକ ଅପଗ୍ରେଡେଡ ପିଏଚ୍‌ସି ହେବ। ଜଣେ ମେଡିକାଲ ଅଫିସରଙ୍କ ସହ ୨ ଡାକ୍ତର ରହିବେ। ସହରରେ ଥିବା ବସ୍ତି ଅଞ୍ଚଳରେ ୫୦ରୁ ୧୦୦ ଘରକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ଏକ କଲ୍ୟାଣ ସମିତି ଗଠନ କରାଯାଇ ସୁସ୍ଥ ବସ୍ତି, ସୁସ୍ଥ ୱାର୍ଡ, ସୁସ୍ଥ ସହର ଓ ସୁସ୍ଥ ରାଜ୍ୟ ଯୋଜନାକୁ ରୂପରେଖ ଦିଆଯିବ। ଏହି ସମିତିର ସଭ୍ୟାସଭ୍ୟ ସହରର ପରିମଳ, ସ୍ୱାସ୍ଥ୍ୟସେବା ଓ ଅପପୁଷ୍ଟି ସମସ୍ୟାକୁ ଉପସ୍ଥାପନା ସହ ସମାଧାନ ପାଇଁ ପ୍ରଯତ୍ନ କରିବେ। ଫଳରେ ଝାଡ଼ାବାନ୍ତି, ମ୍ୟାଲେରିଆ, ଜଣ୍ଡିସ୍, ଡେଙ୍ଗୁ ଆଦି ରୋଗ ବସ୍ତି ବାସିନ୍ଦାଙ୍କ ନିକଟରେ ପହଞ୍ଚିବ ନାହିଁ। ଏଥିପାଇଁ ଆରୋଗ୍ୟ ସମିତିକୁ ୫ ହଜାର ଓ ୱାର୍ଡ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଦେବା ପାଇଁ ବ୍ୟବସ୍ଥା ହୋଇଛି। ଏହି ମିଶନ ଅନୁଯାୟୀ ସହରାଞ୍ଚଳ ପାଇଁ ୪ ଏଏନ୍‌ଏମ୍ ପୋଷ୍ଟ ଅଦ୍ୟାବଧି ଖାଲି ପଡ଼ିଛି। ସହରର ପରିମଳ ବ୍ୟବସ୍ଥା ଠିକ୍ ନାହିଁ। ସାମାନ୍ୟ ବର୍ଷାରେ ବିଭିନ୍ନ ୱାର୍ଡର ନାଳ ଉଚ୍ଛୁଳିବା ସହିତ ପାଣି ଜମି ରହୁଛି।

ଖଡିଅଙ୍ଗର ମନୋଜ କୁମାର ସିଂହ କହିଛନ୍ତି, ରାସ୍ତା ନିକଟରେ ଥିବା ନଳକୂପ ଓ ପାଣି ଟ୍ୟାପ୍ ନିକଟରେ ଆବର୍ଜନା ଜଳ ଜମି ରହି ମଶାମାଛିଙ୍କ ଅନ୍ତୁଡ଼ିଶାଳ ପାଲଟିଛି। ପ୍ରତିବର୍ଷ ବର୍ଷାଋତୁରେ ପରିମଳ ବ୍ୟବସ୍ଥା ବିଗୁଡୁଥିବାରୁ ଝାଡ଼ାବାନ୍ତି, ଡେଙ୍ଗୁ, ମ୍ୟାଲେରିଆ ପରି ଜଳବାହିତ ରୋଗ ବ୍ୟାପୀ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଅପପୁଷ୍ଟି ଘଟଣା ନଜରକୁ ଆସୁଛି। ସହରରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳପଥ ହେଉ ଅଥବା ସରକାରୀ ରାସ୍ତା ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କାଗଜପତ୍ରରେ ସବୁକିଛି ଠିକ୍ ଥିବା ଦର୍ଶାଯାଉଛି। ତେବେ ରାଜ୍ୟର ସର୍ବପୁରାତନ ଏହି ସହର ପ୍ରତି ରାଜନେତା, ପ୍ରଶାସକଙ୍କ ଧ୍ୟାନ ରହୁନାହିଁ। ଏପରି କି ନୂତନ ଅପଗ୍ରେଡେଡ ପିଏଚ୍‌ସି ପାଇଁ ପୌରପାଳିକା ପକ୍ଷରୁ ଚିଠିଟିଏ ହୋଇନାହିଁ।

ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ପାଣି ଜମି ରହୁଥିବା ସ୍ଥାନ ଚିହ୍ନଟ କରାଯାଇ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି।

### ଫସଲ ବୀମା ରାଶି ପ୍ରଦାନ ଲାଗି ବିଧାୟିକାଙ୍କ ଚିଠି

**ବରୀ,୧୭।୭(ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ୧୩ଟି ସମବାୟ ସମିତିର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ବୀମା ରାଶି ପ୍ରଦାନ କରିବାକୁ ବିଧାୟକା ସୁନନ୍ଦା ଦାସ ରାଜ୍ୟ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠି ପାଇବା ପରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଭରତ ଚନ୍ଦ୍ର ବେହେରା ରାଜ୍ୟ ସମବାୟ ସମିତିର ରେଜିଷ୍ଟ୍ରାରଙ୍କୁ ତୁରନ୍ତ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନୋଡାଲ ଅଫିସର, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ପଦକ୍ଷେପ ନେବାକୁ ଅବଗତ କରାଯାଇଛି। ବିଧାୟକା ଦର୍ଶାଇଥିଲେ, ଅଞ୍ଚଳର ୭୦ ପ୍ରତିଶତ ପରିବାର କୃଷି ଉପରେ ନିର୍ଭର କରିଥାନ୍ତି। ୨୦୨୦ ଅଗଷ୍ଟରେ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଚାଷଜମି ପ୍ରଭାବିତ ହୋଇଥିଲା। ଯେଉଁ ଚାଷୀ ବୀମା କରିଥିଲେ ସେମାନେ ବୀମାରାଶି ପାଇନାହାନ୍ତି। ଫଳରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ବିଧାୟିକା ୫ ତାରିଖରେ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖିଥିଲେ।

# ଜଗତ୍‌ସିଂହପୁରରେ ସମ୍ପୂର୍ଣ୍ଣା କିଟ୍‌ର ଶୁଭାରମ୍ଭ

**ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଅଭିଯାନ**

**ଜଗତ୍‌ସିଂହପୁର ଅଫିସ, ୧୭।୭**



ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳାଙ୍କୁ ସମ୍ପୂର୍ଣ୍ଣା କିଟ୍ ଦିଆଯାଉଛି।

ରାଜ୍ୟରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍) ଓ ମାତୃ ମୃତ୍ୟୁ ହାର (ଏମ୍‌ଏମ୍‌ଆର୍) ହ୍ରାସ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଅପହଞ୍ଚ ଇଲାକା ଅର୍ଥାତ୍ ଯେଉଁ ସ୍ଥାନକୁ ୧୦୮, ୧୦୨ ଆମ୍ବୁଲାନ୍ସ କିମ୍ବା ସ୍ୱାସ୍ଥ୍ୟ ବିଭାଗର ୪ ଚକିଆ ଯାନ ଯାତାୟାତ କରିପାରୁ ନ ଥିବ ସେସବୁ ଗ୍ରାମର ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯିବା ପାଇଁ ପରିବହନ ବାବଦରେ ଜଣକା ୧,୦୦୦ ଟଙ୍କା ହିସାବରେ ସହାୟତା ପ୍ରଦାନ କରାଯାଉଛି। ଏହି ରାଶି ଗର୍ଭବତୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି। ଯୋଜନାରେ ରାଜ୍ୟର ୬୦,୦୦୦ ଗର୍ଭବତୀ ଉପକୃତ ହେବେ। ଏଥିସହ ପ୍ରସୂତିମାନଙ୍କୁ କିଟ୍ ପ୍ରଦାନ କରାଯାଉଛି। ଶନିବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କିଟ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କିଟ୍‌ରେ ୧୪ ପ୍ରକାର ଜିନିଷ ରହୁଛି। ଏଥିରେ ଥିବା ମା ଯତ୍ନ ନିମନ୍ତେ ବେଡଶିଟ୍, ହାୱାଇ ଚପଲ, ନଖ କଟା ଯନ୍ତ୍ର, ହାତ ସଫା ସାବୁନ୍ ରହିଛି। ସେହିପରି ଶିଶୁ ଯତ୍ନ କିଟ୍‌ରେ ଡ୍ରେସ୍, ଟାୱେଲ, ପ୍ଲାଷ୍ଟିକ୍ ମ୍ୟାଟ୍, ଖେଳଣା ଓ ଟୋପି ଆଦି ରହିଛି। କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟା ପଣ୍ଡା, ଏଡିଏମ୍‌ଓ (ମେଡିକାଲ) ଡା. ଅଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ କୁମାର ବାରିକ, ଡା. କ୍ଷେତ୍ରବାସୀ ଦାଶ, ଡିପିଏମ୍ ଚକ୍ରଧର ଜେନା, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ସୁକାନ୍ତ କୁମାର ପ୍ରଧାନ, ଲେବର୍ ରୁମ୍ ଷ୍ଟାଫ୍ ନର୍ସ ଇନ୍‌ଚାର୍ଜ ଖୁଲଣା ବାରିକ, ଷ୍ଟାଫ ନର୍ସ ସୁଧାଂଶୁ ମାଳିନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଓଟି ୱାର୍ଡରେ ୩୬ ଜଣ ପ୍ରସୂତି ମହିଳା ଥିଲେ। ସେମାନଙ୍କ ମଧ୍ୟରୁ ଦୀପ୍ତିମୟୀ ସାହୁ, ରୋଜାଲିନ ସାହୁ, ରୋଜାଲିନ ଭୋଇ, ସାଲିମା ବିବି ଏବଂ ଆଶା ଦାସ ଆଦି ମା' ଓ ଶିଶୁଙ୍କୁ କିଟ୍ ବଣ୍ଟନ କରାଯାଇଛି।

## ଭଡ଼ାଘରୁ ଯୁବକଙ୍କ ମୃତଦେହ ଜବତ

**ପାରାଦୀପ,୧୭।୭(ସ୍ୱ.ପ୍ର.)**

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଭୂତମୁଣ୍ଡାସ୍ଥିତ ଏକ ଘରୁ ପୋଲିସ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲାର ସଞ୍ଜୟ କୁମାର ବେହେରା(୩୦)। ଭୂତମୁଣ୍ଡାଇ ଠାରେ ଭଡ଼ାରେ ରହୁଥିବା ବେଳେ ଏକ ଅନ୍‌ଲାଇନ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ରାତିରେ ସେ ଏକା ଘରେ ଶୋଇଥିଲେ। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଘର କବାଟ ଖୋଲା ନ ଯିବାରୁ ଘରମାଲିକ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଜବତ କରିଛି। ଏ ନେଇ ଅପମୃତ୍ୟୁ ମାମଲା (ନଂ. ୧୬/୨୧)ରୁଜୁ ହୋଇଛି।

## ମହିଳାଙ୍କ ମୃତଦେହ ଜବତ, ୩ ଅଟକ

**ବାଲିକୁଦା, ୧୭।୭(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଧୀନ ଗରାମ ପଞ୍ଚାୟତ ଚଇଁରପୁର ଗାଁରେ ଶନିବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ପଟସରା ଗାଁର ଅରବିନ୍ଦ ସାବତଙ୍କ ଝିଅ ଅନିତା ଓରଫ ପିଙ୍କି (୨୩)। ପାଇଖାନାରୁ ପୋଲିସ ତାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ବାପାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଅଭିଯୋଗ ଅନୁଯାୟୀ, ଗତ ଫେବୃୟାରୀ ୨୧ରେ ପିଙ୍କିଙ୍କ ବିବାହ ଏହି ଥାନା ଅନ୍ତର୍ଗତ ଚଇଁରପୁର ଗାଁର ବନବିହାରୀ ଜେନାଙ୍କ ପୁଅ ଚନ୍ଦନ ଶେଖର ଜେନା(୩୬) ଓରଫ ବାବୁଙ୍କ ସହ ହୋଇଥିଲା। ବିବାହବେଳେ ପୁଅ ଘର ଲୋକଙ୍କ ଦାବି ମୁତାବକ ୫ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ପିଙ୍କିଙ୍କ ଉପରେ ଚାପ ପକାଉଥିଲେ। ବାବୁ ଭୁବନେଶ୍ୱରସ୍ଥିତ ଏକ ରଙ୍ଗ କମ୍ପାନୀରେ ଚାକିରି କରନ୍ତି। ଶୁକ୍ରବାର ରାତିରେ ଘରକୁ ଆସିଥିଲେ। ଶନିବାର ସକାଳେ ଝିଅ ପାଇଖାନା ଘରେ ଆତ୍ମହତ୍ୟା କରିଛି ବୋଲି ବାପଘର ଲୋକେ ଜାଣିବାକୁ ପାଇଲେ। ତେବେ ପାଇଖାନା ଘରଟି ନୀଚା ହୋଇଥିବାବେଳେ ଛାତକୁ ହାତ ପାଉଛି। ଏଭଳି ସ୍ଥିତିରେ ସେଠାରେ ଆତ୍ମହତ୍ୟା କରିବା ସମ୍ଭବ ନୁହେଁ ବୋଲି ମୃତକଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପିଙ୍କିଙ୍କୁ ହତ୍ୟା କରାଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ଥାନାଧିକାରୀ ଦିଲୀପ ସାହୁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା ଅଫିସ,୧୭।୭**



ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ସହରର କୋର୍ଟ ଛକ ପରିସରରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୭ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି କରୁଣାକର ଦାସ ଅଧ୍ୟକ୍ଷତା କରିଥିଲେ। ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେମାନେ ପ୍ରକାଶ କରିଥିଲେ, କବି ଆନନ୍ଦ ଚନ୍ଦ୍ର ଦୁଃଖିନୀ କନିକା କବିତା ମାଧ୍ୟମରେ କନିକା ରାଜାଙ୍କ ୬୪ କର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିସହିତ ବଙ୍ଗଭଙ୍ଗ ସମୟରେ ସକ୍ରିୟ ଅଂଶ ଗ୍ରହଣ କରିବା, ସାବରମତୀ ଆଶ୍ରମରେ ପ୍ରଥମ ଓଡ଼ିଆ ଛାତ୍ର ଭାବେ ରହିବା ଆଦି ସହିତ ଦେଶ ସ୍ୱାଧୀନତାକୁ ସେ ମୂଳମନ୍ତ୍ର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଲୋକ ସମ୍ପର୍କ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଡ. ବାସୁଦେବ ଦାସ, କବି ଶୁଭ୍ରାଂଶୁ ଦାସ, ଜିଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ସଞ୍ଜୟ କୁମାର ଜେନା, ଧୀରେନ୍ଦ୍ର କୁମାର ଦାଶ, ଶେଷଦେବ ଦାସ, ମହମ୍ମଦ ଜାହିଦ ଖାନ ପ୍ରମୁଖ ପରିଚାଳନା କରିଥିଲେ।

## କଡ଼ା ହୋଇଛି ଗୁଳି, ୩ ଅଟକ

**କେନ୍ଦ୍ରାପଡ଼ା ଅଫିସ/ ନିଶ୍ଚିନ୍ତକୋଇଲି, ୧୭।୭(ସ୍ୱ.ପ୍ର.)**

**ଧର୍ମରକ୍ଷା ସେନା ଆବାହକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଧର୍ମରକ୍ଷା ସେନା ଆବାହକ ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଫେରାର ଥିବା ଆହତ ଦୁର୍ବୃତ୍ତଙ୍କ ସମେତ ୩ ଜଣଙ୍କୁ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରୁ ଉଠେଇ ଆଣିଛି। ସେମାନଙ୍କୁ ଅଜଣା ସ୍ଥାନରେ ରଖି ହତ୍ୟା ଉଦ୍ୟମ ସମ୍ପର୍କରେ ଟିକିନିଖି ପୋଲିସ ବୁଝୁଛି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ଜିଲା ପୋଲିସ ମନା କରିଛି। ୨୦୧୯ ଜୁଲାଇରେ ବାବୁଲିଙ୍କୁ ୨ ଦୁର୍ବୃତ୍ତ ଗୁଳିମାଡ କରିଥିଲେ। ଏହାର ୨ ବର୍ଷ ପରେ ଗତ ୧୪ ତାରିଖରେ ୨ ଯୁବକ ଆସି ବାବୁଲିଙ୍କୁ ଖୋଜିଥିଲେ। ତେବେ ବାବୁଲିଙ୍କ ପିଏସ୍‌ଓ ତଥା ଜିଲା ପୋଲିସର କନ୍‌ଷ୍ଟେବଲ ମାନସ ମହାନ୍ତି ସେମାନଙ୍କୁ ଅଟକାଇବାକୁ ଯାଉଥିବା ବେଳେ ବାଇକ୍‌ରେ ବସିଥିବା ଯୁବକ ବନ୍ଧୁକ ବାହାର କରିଥିଲେ। ଏହାକୁ ଦେଖି ପିଏସ୍‌ଓ ମହାନ୍ତି ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲେ। ସେହି ଗୁଳି ତାଙ୍କ ଦେହରେ ବାଜିଥିବା ନେଇ ସନ୍ଦେହ ହୋଇଥିଲା। ଅପରପକ୍ଷେ ଜିଲା ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ, ସଦର ଥାନା ପୋଲିସ ତଦନ୍ତ ସମୟରେ ନିଶ୍ଚିନ୍ତକୋଇଲି ବଜାରର ଏକ ଘରୋଇ ଡାକ୍ତରଖାନାରେ ସେହି ଗୁଳି କଢ଼ା ଯାଇଥିବା ଜାଣିବାକୁ ପାଇଥିଲା। ସେହି ଡାକ୍ତରଖାନାରେ ଚଢ଼ାଉ ପରେ ୩ଜଣଙ୍କୁ କେନ୍ଦ୍ରାପଡ଼ା ଅଣାଯାଇଥିବା ସୂଚନା ମିଳିଛି। ବାବୁଲିଙ୍କୁ ବାରମ୍ବାର ଆକ୍ରମଣକୁ ନେଇ ଅଞ୍ଚଳରେ ୩ ଦିନ ଧରି ଉତ୍ତେଜନା ଲାଗି ରହିଛି।

## ବଧୂହତ୍ୟା ଅଭିଯୋଗ

**କୁଜଙ୍ଗ, ୧୭।୭ (ଡି.ଏନ୍.ଏ.)**

ଯୌତୁକ ପାଇଁ କୁଜଙ୍ଗ ଥାନା ଗୁଆମୁଣ୍ଡା ଗ୍ରାମରେ ଶୁକ୍ରବାର ରାତିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଥାନା ବନାପାଟ କନ୍ଧାର ଟିକିନା ସ୍ୱାଇଁ (୨୭)। ଏନେଇ ଭାଇ ଶିବସୁନ୍ଦର ରାଉତ ଶନିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୮/୨୧) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ୨୦୧୮ରେ ଗୁଆମୁଣ୍ଡା ଗ୍ରାମର ହଳଧର ସ୍ୱାଇଁଙ୍କୁ ଟିକିନା ବିବାହ କରିଥିଲେ। ବାହାଘରର କିଛି ମାସ ପରେ ବାପଘରୁ ଟଙ୍କା ଆଣିବାକୁ ଦାବି କରି ଶାଶୁ ଘର ଲୋକେ ଟିକିନାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଶୁକ୍ରବାର ରାତିରେ ଭଉଣୀଙ୍କୁ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାଧିକାରୀ ପାରାଓ ରୁଦ୍ର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି।

# କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**ଆଳି,୧୭।୭(ଡି.ଏନ୍.ଏ.)**



ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ କଂଗ୍ରେସ ନେତା ଓ କର୍ମୀମାନେ।

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବଢ଼ି ଚାଲିଛି। କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଦର ଉପରେ ଅତ୍ୟଧିକ ଟ୍ୟାକ୍ସ ବୃଦ୍ଧି କରିଛନ୍ତି। ଏହାକୁ ବିରୋଧ ଆଳି ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପେଟ୍ରୋଲ ଟାଙ୍କିରେ ଧାରଣା ଦିଆଯିବା ସହିତ ଲୋକଙ୍କ ମତାମତକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ପେଟ୍ରୋଲ ଟାଙ୍କିକୁ ଆସୁଥିବା ଗ୍ରାହକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଉଛି। କାର୍ଯ୍ୟକ୍ରମରେ ଆଳି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ, ବଡାମ୍ବିଳା ପଞ୍ଚାୟତ ସଭାପତି ବୀରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**ବାଲିକୁଦା,(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ସାଧୁ ଫିଲିଂ ଷ୍ଟେସନଠାରେ ଦସ୍ତଖତ ଅଭିଯାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ମହନୀଚରଣ ରାଉତ, ଯୁବ ସଂଗଠକ ରାଜକିଶୋର ସାହୁ, ଜିଲା ଓବିସି ସେଲ ଉପାଧ୍ୟକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ, ବିଭୁତି ଭୂଷଣ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ବୈରାଗୀ ଚରଣ ରାଉତ ଓ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇ ଦରଦାମ ବୃଦ୍ଧି ପାଇଁ ଉଭୟ କେନ୍ଦ ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

**ଯାଜପୁର ଅଫିସ:** କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ ଇତ୍ୟାଦି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦ ଜୋରଦାର ହେବାରେ ଲାଗିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ଆହ୍ୱାନରେ ଶନିବାର ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ବ୍ୟାସନଗରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମସ୍ତ ଖାଉଟି ସ୍ୱାଗତ କରିବା ସହ ସହଯୋଗ କରିଥିଲେ। ଗୋପବନ୍ଧୁ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ପ୍ରତିବାଦ ସଭା ଅଣସଂଗଠିତ ଶ୍ରମିକ କଂଗ୍ରେସର ବ୍ୟାସନଗର ସଭାପତି ପଦ୍ମନାଭ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଜିଲା ସଂଯୋଜକ ପରମାନନ୍ଦ ସେଠୀ, ଜିଲା ଉପ ସଭାପତି ଜଗବନ୍ଧୁ ନାୟକ, ଜିଲା ସଂଯୋଜକ ଜେମାମଣି କୁଅଁର, ବ୍ୟାସନଗର ସଂଯୋଜକ ରବୀନ୍ଦ୍ର ଥାନ୍ଦାର, ବିଦ୍ୟାଧର ଯେନା, ପ୍ରଦୀପ ବଳ, ସୁନାରାମ ଗୁଡ଼ୁ, ମାନସ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି କୋରେଇ ବ୍ଲକ ଆଲିଆ ପେଟ୍ରୋଲ ପମ୍ପ ପରିସରରେ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା।

# ଗଛରେ ପିଟି ହେଲା କାର୍: ୨ ମୃତ



ବାଲିଡ଼ିଆ ଗ୍ରାମବାସୀ ଇଫ୍‌କୋ କାରଖାନା ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଛନ୍ତି।

**କୁଜଙ୍ଗ, ୧୭।୭ (ଡି.ଏନ୍.ଏ.)**

**କ୍ଷତିପୂରଣ ଦାବିରେ ଧାରଣା**

କଟକ-ପାରାଦୀପ ରାଜପଥର ତାଳଦଣ୍ଡା ନିକଟରେ ଏକ କାର ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଶୁକ୍ରବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାରାଦୀପ ଇଫ୍‌କୋ ସାର କାରଖାନାର ସିନିୟର ମ୍ୟାନେଜର (ଷ୍ଟୋର)ରମାକାନ୍ତ ମିଶ୍ର ଓ କାର୍ ଚାଳକ ଲକ୍‌ଥାନା ବାଲିଡିଆ ଗ୍ରାମର ପ୍ରତାପ ସେଠୀ(୩୨)। ଗୁରୁତର ହେଲେ ରମାକାନ୍ତଙ୍କ ସ୍ତ୍ରୀ ମୀନାକ୍ଷୀ ଓ ପୁଅ ଗିରିଜାପ୍ରସନ୍ନ(୧୪)। କୁଜଙ୍ଗ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି କଟକ ସ୍ଥାନାନ୍ତର କରିଛି। ମୃତ ପ୍ରତାପ ଇଫ୍‌କୋ ସାର କାରଖାନାରେ ଠିକା ଶ୍ରମିକଭାବେ କାମ କରନ୍ତି। ସେ ତାଙ୍କ କାର୍‌ରେ ରମାକାନ୍ତଙ୍କ ପରିବାରକୁ ନେଇ ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୨୪୯/୨୧)ରୁଜୁ ହୋଇଛି। ପ୍ରତାପଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ବାଲିଡିଆ ଗ୍ରାମବାସୀ ଇଫ୍‌କୋ କାରଖାନା ମୁଖ୍ୟ ଫାଟକ ଆଗରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଇଫ୍‌କୋ କର୍ତ୍ତୃପକ୍ଷ, ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସମାଧାନର ବାଟ ବାହାରିପାରି ନ ଥିଲା।

**ସଂକ୍ଷେପରେ**

## ଦେଶୀମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୧୭ା୭(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୁପାପଲ୍ଲୀ-ଗୋଛାବାରୀ ରାସ୍ତାରେ ଏକ ବାଇକ୍‌ରେ ଦେଶୀମଦ ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଶନିବାର ଗିରଫ କରିଛି । ସେ ହେଲେ ଗୋଛାବାରୀ ଗ୍ରାମର କାଳିଆ ନାଏକ। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ତାଙ୍କ ପାଖରୁ ୫୦ ଲିଟର ଦେଶୀ ମଦ ଓ ବାଇକ୍ ଟିକୁ ଜବତ କରାଯାଇଛି ।

## କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**ନୟାଗଡ଼ ଅଫିସ,୧୭ା୭:** ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, ଖାଇବା ତେଲ ଓ ଖାଦ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଚିନ୍ତାର କାରଣ ହୋଇଛି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୯ ଟାରୁ ୨ ଘଣ୍ଟା ପର୍ଯ୍ୟନ୍ତ ସ୍ଥାନୀୟ ଟାଉନ ଥାନା ନିକଟ ପେଟ୍ରୋଲ ପମ୍ପରେ ନୟାଗଡ଼ କଂଗ୍ରେସ ପକ୍ଷରୁ ପେଟ୍ରୋଲ, ଡିଜେଲ ଉପଭୋକ୍ତା ଓ ସାଧାରଣ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଇଛି । ଏଥିରେ ଜିଲା କଂଗ୍ରେସର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ ।

# ଧାନ ଏଫ୍‌ଏକ୍ୟୁ ମାନର, ଚାଉଳ ମିଳୁଛି ନିମ୍ନମାନର

**ନୟାଗଡ଼ ଅଫିସ,୧୭ା୭**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

■ ଘରୋଇ ପଣ୍ୟାଗାର ଗୋଦାମକୁ ଅନୁକମ୍ପା ନେଇ ଉଠିଲା ପ୍ରଶ୍ନ
■ ଚୁକ୍ତିପତ୍ର ବାତିଲ ନ ହେଲେ ୨୩ରେ ଧାରଣା ଦେବ କଂଗ୍ରେସ

ଜିଲା ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ କଷ୍ଟମ ମିଲର୍ସମାନଙ୍କୁ ଅନୁଗ୍ରହ ଓ ଅନୁକମ୍ପା ଦେଖାଇ ଜିଲାରେ ରାଶନ ଉପଭୋକ୍ତାଙ୍କୁ ଅପୁଷ୍ଟିକର ଓ ନିମ୍ନମାନର ଚାଉଳ ବଣ୍ଟନ କରୁଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି । ଶନିବାର ନୟାଗଡ଼ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି, ମିଲର୍ସମାନେ ଚାଷୀଙ୍କଠାରୁ ଧାନ କିଣିବାବେଳେ ଏଫ୍‌ଏକ୍ୟୁ ମାନର ନେଉଛନ୍ତି । କଟନୀଛଟନୀ କରି ଚାଷୀଙ୍କୁ ହଇରାଣ କରୁଛନ୍ତି । କିନ୍ତୁ ଚାଉଳ ନିମ୍ନମାନର ଦେଉଛନ୍ତି । ଏ ସଂକ୍ରାନ୍ତରେ ଅଭିଯୋଗ ହେଉଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେହିଭଳି ମିଲର୍ସ ଆସୋସିଏଶନ ଘରୋଇ ପଣ୍ୟାଗାର ଗୋଦାମକୁ ଅନୁକମ୍ପା ଦେଖାଇ ଚାଉଳ ମହଜୁଦ ରଖୁଥିଲେ ମଧ୍ୟ ୨୦୦ ମିଟର ଦୂରରେ ଥିବା କାନକଟାସ୍ଥିତ ରାଜ୍ୟ ସରକାରଙ୍କ ପଣ୍ୟାଗାର ଗୋଦାମକୁ ଅଣଦେଖା କରାଯାଉଛି। ମିଲର୍ସ ଆସୋସିଏଶନ ଘରୋଇ ପଣ୍ୟାଗାର ଗୋଦାମ ପାଇଁ କରିଥିବା ବେଆଇନ ଚୁକ୍ତିପତ୍ରକୁ ବାତିଲ୍ ଓ ଚାଉଳ ଦୁର୍ନୀତିର ତଦନ୍ତ କରା ନ ଗଲେ କଂଗ୍ରେସ ଆସନ୍ତା ୨୩ରୁ ଧାରଣା ଦେବ ବୋଲି ସେ ଚେତାବନୀ ଦେଇଛନ୍ତି । ସେ ପୁଣି କହିଛନ୍ତି, ଜିଲାରେ ୧୭ଜଣ କଷ୍ଟମ ମିଲର୍ସ ଜୁଲାଇ ସୁଦ୍ଧା ୭୦ ପ୍ରତିଶତ ଚାଉଳ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବା ଏଗ୍ରିମେଣ୍ଟ କହୁଛି। କିନ୍ତୁ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ମିଲର୍ସମାନେ ଏଯାବତ ୩୮ ପ୍ରତିଶତ ଚାଉଳ ଦେଇଛନ୍ତି । ଲକ୍ଷ୍ୟଧାର୍ଯ୍ୟ କରି ନ ଥିବା ମିଲର୍ସମାନଙ୍କୁ ଏଯାବତ୍ କାରଣ ଦର୍ଶାଅ ନୋଟିସ୍ କରାଯାଇ ନ ଥିବାରୁ ଅନୁକମ୍ପା ସ୍ପଷ୍ଟ ହୋଇଛି। ଏଭଳି ଅନୁକମ୍ପା ଲାଗି ରହିଲେ ମିଲର୍ସମାନେ ନଭେମ୍ବର ସୁଦ୍ଧା ଶତ ପ୍ରତିଶତ ଚାଉଳ ଦେବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଚାଉଳ ଯୋଗାଣରେ ଅନିୟମିତତା ପାଇଁ ସହଯୋଗ କରିଛି ମିଲର୍ସ ଆସୋସିଏଶନ ଘରୋଇ ପଣ୍ୟାଗାର ଗୋଦାମ। ପ୍ରଶାସନ ଘରୋଇ ଗୋଦାମ ଭଡ଼ା ନେଇପାରିବ ନାହିଁ ବୋଲି ନିୟମ ରହିଛି। ହେଲେ ସେଥିରେ ବ୍ୟତିକ୍ରମ ଘଟିଛି । ଅପରପକ୍ଷେ କେତେଜଣ ମିଲର ଚାଉଳ ଗୋଦାମକୁ ନ ଆଣି ଡିଲର ପଏଣ୍ଟ ଓ ପଞ୍ଚାୟତ ପଏଣ୍ଟରେ ଦେଇ ପରିବହନ ବାବଦ ଟଙ୍କା ବାଟମାରଣା କରୁଥିବା ଅଭିଯୋଗ କରାଯାଇଛି। ପୁଣି ଚାଉଳରେ ରିସାଇକ୍ଲିଂ କରାଯାଉଛି। କେତେଜଣ ମିଲର୍ସ ନିଜର ଅନୁଗତଙ୍କ ଦ୍ୱାରା ଚାଉଳ ହିତାଧିକାରୀଙ୍କଠାରୁ ସଂଗ୍ରହ କରି ତାକୁ ଜିଲା ଯୋଗାଣ ବିଭାଗକୁ ଦେଇ ଲାଭବାନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ଉପସଭାପତି ପ୍ରଶାନ୍ତ ପାଇକେରା, ନୟାଗଡ଼ ବ୍ଲକ ସଭାପତି ଫକୀର ଚରଣ ମଲ୍ଲ, ଓଡ଼ଗାଁ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର ପ୍ରମୁଖ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

### କୌଣସି ଦୁର୍ନୀତି ହେଉନାହିଁ

କଂଗ୍ରେସର ଏପରି ଅଭିଯୋଗ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ହିତାଧିକାରୀଙ୍କୁ ଚାଉଳ ଉନ୍ନତମାନର ଦିଆଯାଉଛି । ଏଥିରେ କିଛି ଦୁର୍ନୀତି ହେଉ ନାହିଁ । ୧୭ଜଣ କଷ୍ଟମ ମିଲର୍ସ ସେମାନଙ୍କ ମିଲରେ ସର୍ଟେକ୍ସ ମେଶିନ୍ ଲଗାଇଛନ୍ତି। ଯାହାକି ଚାଉଳକୁ ଉନ୍ନତ ମାନର କରାଇବ । ଜିଲାରେ କାନକଟାସ୍ଥିତ ରାଜ୍ୟ ସରକାରଙ୍କ ପଣ୍ୟାଗାର ଗୋଦାମ ଓ ନୟାଗଡ଼ ଆରଏମ୍‌ସିରେ ଚାଉଳ ଗଚ୍ଛିତ ରହୁଛି। ବେସରକାରୀ ଭାବେ ଗୋଡିସାହି ଓ କଦଳୀବନ୍ଧ ଘରୋଇ ଗୋଦାମରେ ଚାଉଳ ଷ୍ଟକ ରହୁଛି । ସବୁ ଗୋଦାମରେ ଭାଗ ବାଣ୍ଟି ଷ୍ଟକ ରଖାଯାଉଛି। ସବୁଠାରେ ଚାଉଳର ମାନ ପରୀକ୍ଷଣକୁ କଡାକଡି କରାଯାଇଛି । ଚାଉଳ ନମୁନା ଖରାପ ରହିଲେ ଫେରାଇ ଦିଆଯାଉଛି। ଜାନୁୟାରୀରୁ ଆମର ଧାନ କିଣା ହୋଇଥିବାରୁ ୪୦ରୁ ୪୫ ପ୍ରତିଶତ ଭିତରେ ଷ୍ଟକ ରହିବା କଥା । କିନ୍ତୁ ଆମ ଜିଲାର ଚାଉଳ ଜିଲାରେ ରହୁଛି। ବାହାରକୁ ପଠାଯାଉନାହିଁ। ପୁଣି ମାନ ପରୀକ୍ଷଣ କଡାକଡି କରାଯାଉଥିବାରୁ ଷ୍ଟକ କମ୍ ରହୁଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ମିଲର ପଏଣ୍ଟ ଓ ଗୋଦାମରେ ମାନ ପରୀକ୍ଷଣ କରାଯାଉଛି । ଜଣେ ମିଲର ୧ କୁଇଣ୍ଟାଲ ଧାନ ନେଲେ ୬୮କେଜି ଚାଉଳ ଦେବ। ଏଥିପାଇଁ ସେ ୨୦ ଟଙ୍କା ପାଉଛନ୍ତି। ଅନିୟମିତତା ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଥଣ୍ଡା ପାନୀୟ ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ

**ଖଣ୍ଡପଡ଼ା,୧୭ା୭ (ସ୍ୱ.ପ୍ର.)**

ଗତ ୨ବର୍ଷ ଧରି ଅଚଳ ହୋଇ ପଡିଥିବା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଥଣ୍ଡା ପାନୀୟ ଜଳପ୍ରକଳ୍ପ ମରାମତି କରାଯାଉନାହିଁ । ଫଳରେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ଜନସାଧାରଣ ଥଣ୍ଡା ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ଗତ ୨ମାସ ତଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି କାୟାକଳ୍ପ ପୁରସ୍କାର ପାଇଥିଲେ ମଧ୍ୟ ବିଭିନ୍ନ ସମସ୍ୟା ତାର ପିଛା ଛାଡୁନାହିଁ। ଏଥିପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,୧୭ା୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା କୋଭିଡ୍ କେନ୍ଦ୍ରରେ କାର୍ଯ୍ୟରତ କରୋନା ଯୋଦ୍ଧାମାନଙ୍କ ଦ୍ୱାରା ସ୍ଥାନୀୟ ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରେ ୫୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ଖଣ୍ଡପଡ଼ା କୋଭିଡ୍ କେନ୍ଦ୍ରର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବିଡ଼ିଓ ପ୍ରମୋଦ କୁମାର ନାଏକ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଡାକ୍ତର ମଧୁସ୍ମିତା ଦାସ, ବ୍ଲଡ୍ ବ୍ୟାଙ୍କ ୟୁନିଟର କାଉନସିଲର ଅଜୟ ପଟ୍ଟନାୟକଙ୍କ ସମେତ ସହଯୋଗୀମାନେ ଶିବିର ପରିଚାଳନା କରିଥିଲେ।

## ୧୨ ଫୁଟ୍‌ର ଅହିରାଜ ଉଦ୍ଧାର


ଉଦ୍ଧାର ହୋଇଥିବା ଅହିରାଜ ।

**ରଣପୁର,୧୭ା୭ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ବକ୍ରକୋଟ ପଞ୍ଚାୟତ ଅଧୀନ ଭେରୁପଡ଼ା ଗ୍ରାମର ସୁକାନ୍ତ ଦଳେଇଙ୍କ ଦାଣ୍ଡଦୁଆରୁ ଏକ ୧୨ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ସୁକାନ୍ତ ରାତିରେ ଘରୁ ବାହାରକୁ ଆସିଲା ବେଳକୁ ଦୁଆର ସମ୍ମୁଖରେ ଏହି ୧୨ ଫୁଟ୍ ଲମ୍ବର ଅହିରାଜ ଶୋଇଥିବା ଦେଖିଥିଲେ। ସେ ଏ ସଂକ୍ରାନ୍ତରେ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ପ୍ରଦୀପ ପରିଡ଼ାଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ । ପ୍ରଦୀପ ଭରୁପଡାରେ ପହଞ୍ଚି ସାପଟିକୁ ଧରି ମାଳଖିଲାମୁଣ୍ଡା ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

## ପୁଣି ୩ କରୋନା ରୋଗୀ ମୃତ

**ନୟାଗଡ଼ ଅଫିସ,୧୭ା୭**

ନୟାଗଡ଼ ଜିଲାରେ ପୁଣି ୩ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି । ଆଉ ୭୫ଜଣ ଆକ୍ରାନ୍ତ ଶନିବାର ଚିହ୍ନଟ ହୋଇଛନ୍ତି । ଏହି ମୃତ୍ୟୁ ସଂଖ୍ୟାକୁ ମିଶାଇ ଗତ ୨୩ ଦିନରେ ୬୭୧ ଜଣଙ୍କ ମୃତ୍ୟୁ ହୋଇଛି । ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ ହଜାର ୮୩୫ରେ ପହଞ୍ଚିଛି । ଶନିବାର ରିପୋର୍ଟରେ ଭାପୁର ବ୍ଲକରେ ୫, ଦଶପଲ୍ଲା ବ୍ଲକରେ ୯, ଗଣିଆ ବ୍ଲକ ୧, ଖଣ୍ଡପଡ଼ା ବ୍ଲକରେ ୧୦, ନୟାଗଡ଼ ବ୍ଲକରେ ୧୪, ନୂଆଗାଁ ବ୍ଲକରେ ୬, ଓଡ଼ଗାଁ ବ୍ଲକ ୧୩, ରଣପୁର ବ୍ଲକ ୭, ନୟାଗଡ଼ ପୌରାଞ୍ଚଳରେ ୧୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୩୬ ଜୀବନ ନେଇ ସାରିଛି ।

## ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଦଶପଲ୍ଲା,୧୭ା୭ (ଡି.ଏନ.ଏ.)**

ସମଗ୍ର ଦେଶରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ଆସନ୍ତା ଅଗଷ୍ଟ ୧୫ରୁ ୨୦୨୨ ଅଗଷ୍ଟ୧୫ ପର୍ଯ୍ୟନ୍ତ ୧ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରିବାକୁ ରାଷ୍ଟ୍ରୀୟ କମିଟି ନିଷ୍ପତ୍ତି ନେଇଛି । ତଦନୁଯାୟୀ ପ୍ରତି ବ୍ଲକସ୍ତରରେ ଏକାଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେଥିପାଇଁ ଶନିବାର ପୂର୍ବାହ୍ନରେ ଦଶପଲ୍ଲା ଖୋଲ ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମଧଖଣ୍ଡ ଶ୍ରୀ ଅରବିନ୍ଦ ବିଦ୍ୟାଳୟର ପ୍ରତିଷ୍ଠାତା ପୁରୁଷୋତ୍ତମ ଡାକୁଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୋଲକ ବିହାରୀ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସାହୁ, ସରୋଜିନୀ ଦାସ, ପ୍ରଭାସିନୀ ଡାକୁଆ,ମଞ୍ଜୁଲତା ରଣା, ଭଗବାନ ଦେହୁରୀ,ଗିରିଶ କୁମାର ରଣା, ପ୍ରଫୁଲ୍ଲ କୁମାର ଦାଶ, ସବିତା ଭୂୟାଁ, ଟିଙ୍କିନା ମହାରଣା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୧୧ଜଣିଆ କମିଟି ଗଠନ କରାଯାଇଛି। ଅଗଷ୍ଟ ୧ତାରିଖ ପୂର୍ବାହ୍ନ ୧୦ଟାରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।


ବୈଠକରେ ଯୋଗଦେଇଥିବା ବ୍ୟକ୍ତିମାନେ ।

## ଘରେ ପଶି ଲୁଟିନେଲେ ୬ଲକ୍ଷ ଟଙ୍କାର ଅଳଙ୍କାର


ଘରେ ଆଲମିରା ଭଙ୍ଗାଯାଇଛି, ବାଡ଼ିପଟେ ପଡ଼ିଥିବା ବାକ୍ସ ।

**ରଣପୁର,୧୭ା୭ (ସ୍ୱ.ପ୍ର.)**

ଶୁକ୍ରବାର ରାତିରେ ମାତିଲେ ଲୁଟେରା। ଲୁଟ୍ କଲେ ଓକିଲଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା। ଏହିଭଳି ଘଟଣା ଘଟିଛି ନୟାଗଡ ଜିଲା ଚାନ୍ଦପୁର ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମରେ। ବିଳମ୍ବିତ ରାତିରେ କୃଷ୍ଣଚନ୍ଦ୍ରପୁର ଗ୍ରାମର ଓକିଲ ଅମରେଶ କଳସଙ୍କ ଘରେ ପଶି ୬ ଲକ୍ଷ ଟଙ୍କାର ସୁନା ଗହଣା ସହ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି ଲୁଟେରା। ଚୋରି ଅଳଙ୍କାର ମଧ୍ୟରେ ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ଚେନ, ୬ ମୁଦି, ୫ ହଳ କାନଫୁଲ, ୨ ହଳ କାନ ଝିଙ୍କା, ୪ ପଟ ଚୁଡ଼ି, ୨ଟି ଲକେଟ୍ ସହ ରୁପାର ପ୍ରାୟ ୪୦ ଭରି ଅଳଙ୍କାର ଓ ନଗଦ ୩୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅମରେଶ ଅଭିଯୋଗ କରିଛନ୍ତି। ସୁନା ରୁପା ଅଳଙ୍କାର ଲୁଟି ନେବା ପରେ ଲୁଟେରାମାନେ ବାରିପଟେ କିଛି ଆସବାବ ପତ୍ର, ବାକ୍ସ ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଛି ।

## ସ୍ତ୍ରୀ ହତ୍ୟା, ଜେଲ ଗଲେ ସ୍ୱାମୀ

**ନୟାଗଡ଼ ଅଫିସ,୧୭ା୭**

■ ତଦନ୍ତ ପ୍ରକ୍ରିୟାରେ ଝିଅ,ପୁଅ ସାମିଲ
■ ହତ୍ୟାକୁ ସ୍ୱୀକାର କଲେ ଅଭିଯୁକ୍ତ

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ନୂଆଗାଁ ଥାନା ପୋଲିସ କରଚୁଲି ଗାଁର ପ୍ରହ୍ଲାଦ ଗୁରୁ (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ଗତ ୧ ତାରିଖରେ ପ୍ରହ୍ଲାଦଙ୍କ ସ୍ତ୍ରୀ ଅବନ୍ତୀ(୩୫)ର ମୃତ୍ୟୁ ହୋଇଥିଲା । ଗାଁ ଲୋକ ଓ ଶ୍ୱଶୁର ଘର ଲୋକଙ୍କୁ ଅବନ୍ତୀର ମୃତ୍ୟୁ ଦେହ ଖରାପ ଜନିତ ଦର୍ଶାଇ ସ୍ୱାମୀ ମୃତଦେହକୁ ସତ୍କାର କରି ଦେଇଥିଲେ । ପରେ ଜଣା ପଡ଼ିଥିଲା ଅବନ୍ତୀଙ୍କୁ ପ୍ରହ୍ଲାଦ ମାରପିଟ୍ କରି ହତ୍ୟା କରିଛନ୍ତି । ଏନେଇ ଶ୍ୱଶୁର ଘର ପକ୍ଷରୁ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ଏପରି କି ପ୍ରହ୍ଲାଦଙ୍କ ୧୫ ବର୍ଷର ପୁଅ ଓ ୧୨ ବର୍ଷର ଝିଅକୁ ତଦନ୍ତ ପରିସର ଭୁକ୍ତ କରାଯାଇଥିଲା । ତଦନ୍ତରୁ ହତ୍ୟା ପ୍ରମାଣ ମିଳିବା ପରେ ପ୍ରହ୍ଲାଦ ହତ୍ୟା କରିଥିବା ସ୍ୱୀକାର କରିଥିଲେ ।ଏନେଇ ପୋଲିସ ୩୦୨, ୨୦୧ ଦଫାରେ ଏକ ମାମଲା(ନଂ.୯୩/୨୧) ରୁଜୁ କରିଥିଲା ।

## ୪ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ରଣପୁର,୧୭ା୭ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଶିକ୍ଷା ବ୍ଲକର ୪ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ଦେଇ, ଶିକ୍ଷୟିତ୍ରୀ ଜାନକୀ କର, ସାରଙ୍ଗଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ହରିହର ସାହୁ ଓ ବଡ ବରମୂଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶଙ୍କର୍ଷଣ ବେହେରା। ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ପ୍ରୋଭିଜନାଲ ପେନସନ, ଜିଆଇଏସ୍ ଆଦିର ଅର୍ଡର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି, ସମ୍ପାଦକ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର

**ପାରଳାଖେମୁଣ୍ଡି,୧୭ା୭(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଯୁବତୀଙ୍କ ଏତଲାକ୍ରମେ ଅଡ଼ବା ପୋଲିସ ନଂ. ୧୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର୍ ଅଛନ୍ତି। ଅଭିଯୁକ୍ତ ଜଣକ ବିବାହ କରିବା ପ୍ରତିଶ୍ରୁତି ଦେଇ ବହୁ ଦିନ ଧରି ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ମେ ୧୧ ତାରିଖରେ ଅଭିଯୁକ୍ତ ଜଣକ ନିଜ ୪ ଭାଇଙ୍କ ସହାୟତାରେ ଗ୍ରାମ ନିକଟ ଜଙ୍ଗଲକୁ ଯୁବତୀଙ୍କୁ ଟେକି ନେଇଥିଲେ। ସେଠାରେ ଅଭିଯୁକ୍ତଙ୍କ ସହ ତାଙ୍କର ଭାଇମାନେ ଯୁବତୀଙ୍କୁ ଟଣାଓଟରା, ମାରପିଟ କରିଥିଲେ। ପରେ ଅଭିଯୁକ୍ତ ଜବରଦସ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ଭାଇମାନେ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିଲେ। କିଛିଦିନ ପରେ ଯୁବତୀଙ୍କୁ ଉକ୍ତ ଭିଡିଓ ଦେଖାଇ ୧ ଲକ୍ଷ ୬୦ ହଜାର ଟଙ୍କା ମାଗି ନେଇଥିଲେ। ଏଥିରେ ଅସହ୍ୟ ହେବାରୁ ଯୁବତୀ ଜଣକ ପୋଲିସକୁ ଜଣାଇଥିଲେ।

## ଦଶପଲ୍ଲାରେ ସେବା ଉତ୍ସବ

**ଦଶପଲ୍ଲା,୧୭ା୭ (ଡି.ଏନ୍.ଏ.)**

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଜିଲାବ୍ୟାପୀ ଚାଲିଥିବା ସେବା ଉତ୍ସବ-୨୦୨୧ ଶନିବାର ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଦଶପଲ୍ଲା ଏନ୍‌ଏସି ସମେତ ରଙ୍ଗମାଟିଆ, ମହୁଲିଆ, ଅନ୍ଧାରକୋଟ, ମାଳିସାହି ଆଦି ବିଭିନ୍ନ ସ୍ଥାନରେ ସହାୟ ଲୋକଙ୍କୁ ବସ୍ତ୍ର ଓ ମାସ୍କ ବଣ୍ଟନ କରିଥିଲେ।

ଏଥିସହିତ ଅସହାୟ ରୋଗୀଙ୍କୁ ସେବା ସମିତି ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦାମୋଦର ସାହୁ, ମାନସ କୁମାର ସାହୁ, ସରୋଜ କୁମାର ମିଶ୍ର, ଇଂ. ଜନ୍ମେଜୟ ଆଚାର୍ଯ୍ୟ, ମନୋଜ ସାହୁ, ଅଭୟ ପ୍ରସାଦ ଜେନା, ରଘୁନାଥ ବେହେରା, ପରମେଶ୍ୱର ସାହୁ, ସୌମ୍ୟ ରଞ୍ଜନ ଦାଶ, ସଞ୍ଜିତ ବାଇ, ରବୀନ୍ଦ୍ର ନାୟକ, ଚନ୍ଦନ ସାହୁ, ହେମନ୍ତ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ ।


ଅସହାୟ ଲୋକମାନଙ୍କୁ ସେବା ଉତ୍ସବ ସମିତି ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଉଛି ।

## ଅନ୍ତର୍ଯ୍ୟାମୀଙ୍କ ସୁସ୍ଥ ପରିବେଶ ଚିନ୍ତା

**ଗଣିଆ,୧୭ା୭ (ଡି.ଏନ୍.ଏ.)**

■ ବୃକ୍ଷରୋପଣ, ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ
■ ଜୈବିକ ଚାଷ ଉପରେ ସୃଷ୍ଟି କରୁଛନ୍ତି ସଚେତନତା


ଅନ୍ତର୍ଯ୍ୟାମୀ ବୃକ୍ଷରୋପଣ କରୁଛନ୍ତି ।

ନୟାଗଡ଼ ଜିଲା ଗଣିଆ ବ୍ଲକ ଓସ୍ତିଆ ଗ୍ରାମର ଅନ୍ତର୍ଯ୍ୟାମୀ ମିଶ୍ର ନିଜ ରାଜନୈତିକ ଜୀବନକୁ ଛାଡ଼ି ଏବେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବୃକ୍ଷରୋପଣ, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜୈବିକ ଚାଷ ଉପରେ ସେ କାମ କରୁଛନ୍ତି। ୧୯୮୨ ପ୍ରଳୟଙ୍କରୀ ବନ୍ୟା ସମୟରେ ସେ ବିପନ୍ନଙ୍କ ପାଇଁ କାମ କରି ଗଣିଆ ତଥା ତା'ର ଆଖପାଖ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିଥିଲେ। ୧୯୮୬ରେ ସେ ବିଭିନ୍ନ ସାମାଜିକ ସଙ୍ଗଠନରେ ସାମିଲ ହୋଇ ଜନହିତକର କାମ ଜାରି ରଖିଥିଲେ । ୧୯୯୩ରେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ୧୯୯୭ ମସିହା ପର୍ଯ୍ୟନ୍ତ ଗଣିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ହେଲେ ୨୦୦୦ ପରଠାରୁ ସେ ପୁଣି ଥରେ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଜଙ୍ଗଲ ସୁରକ୍ଷା ମହାସଂଘର ସେ ଜଣେ ସକ୍ରିୟ ସଦସ୍ୟ ଭାବେ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଅଧିକାର ଆଇନକୁ ନେଇ ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ଆଦି କ୍ଷେତ୍ରରେ ନୟାଗଡ଼ ଜିଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକରେ ଗ୍ରାମ୍ୟଗୋଷ୍ଠୀଙ୍କ ସହ ମିଶି କାମ କରୁଛନ୍ତି। ଏଥିସହ ନିଜ ଗ୍ରାମ ଓ ଆଖପାଖ ଗାଁ ଲୋକ ଓ ଯୁବଗୋଷ୍ଠୀଙ୍କୁ ନେଇ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରୁଛନ୍ତି। ପ୍ରଥମେ ସେ ନିଜ ଜମିରେ ଜୈବିକ ପ୍ରଣାଳୀରେ ଚାଷ କରିବା ସହ ଫଳଗଛ ଲଗାଇଥିଲେ । ପରେ ଗ୍ରାମର ଟାଙ୍ଗରା ଜମିରେ ଅଧିକ ଅମ୍ଳଜାନ ପ୍ରଦାନ କରୁଥିବା ବୃକ୍ଷରୋପଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ରାଜନୀତି ଛାଡ଼ି ଏପରି ଜନହିତକର କାର୍ଯ୍ୟକୁ ଆପଣ କାହିଁକି ଆପଣେଇଲେ ବୋଲି ତାଙ୍କୁ ପ୍ରଶ୍ନ କରିବାରୁ ସେ କୁହନ୍ତି, ରାଜନୀତି ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କ ପାଇଁ କାମ କରି ହେବ, ହେଲେ ସାମାଜିକ କ୍ଷେତ୍ରରେ ଅନେକ ଲୋକଙ୍କ ସହ ଯୋଡ଼ି ହୋଇ ବ୍ୟାପକ ଭାବେ ସମାଜ ଓ ପରିବେଶ ପାଇଁ କାମ କରାଯାଇପାରିବ। ଦିନକୁ ଦିନ ଜଙ୍ଗଲ ସମ୍ପଦର ଅବକ୍ଷୟ ଘଟୁଛି, ଏହାଦ୍ୱାରା ପରିବେଶ ଓ ଜଳବାୟୁର ପରିବର୍ତ୍ତନ ହୋଇଛି । ଫଳରେ ତାହା ଆଗାମୀ ପିଢ଼ି ପାଇଁ ବିପଦ ସୃଷ୍ଟି କରି ଚାଲିଛି । ଏହି ପରିପ୍ରେକ୍ଷୀରେ ପରିବେଶକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ହେଲେ ବହୁମାତ୍ରାରେ ବୃକ୍ଷରୋପଣ କରାଯିବା ସହ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଅନ୍ୟପକ୍ଷେ ରାସାୟନିକ ପ୍ରକ୍ରିୟାରେ ଚାଷ ଦ୍ୱାରା ଜମିର ଉର୍ବରତା ହ୍ରାସ ହେବା ସହ ଉତ୍ପାଦିତ ଖାଦ୍ୟ ଖାଇ ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଏପରିସ୍ଥଳେ ଚାଷୀମାନେ କିଭଳି ଦେଶୀ ବିହନ ବ୍ୟବହାର କରି ଜୈବିକ ଚାଷ ଦ୍ୱାର ଅଧିକ ଉତ୍ପାଦନ କରିପାରିବେ ଓ ପାରିବାରିକ ଚାଷକୁ ଆପଣେଇବେ ସେ ଦିଗରେ ମଧ୍ୟ ସେ ଉଦ୍ୟମ ଜାରି ରଖିଛନ୍ତି ।